# NATIONAL NEWS BULLETIN (ODIA)
## 7 August - 2025
## Evening Bulletin : 8.30 p.m.

*********************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଦନର କାର୍ଯ୍ୟ ବାଧାପ୍ରାପ୍ତ ଏବଂ ଆଜି ପାଇଁ ହେଲା ମୁଲତବୀ
- ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି; ୨୧ ତାରିଖ ସୁଦ୍ଧା ଦାଖଲ କରାଯାଇପାରିବ ନାମାଙ୍କନପତ୍ର
- ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ନୂଆଦିଲ୍ଲୀଠାରେ ଆଜି ପ୍ରଦାନ କରାଗଲା ସନ୍ଥ କବୀର ଓ ଜାତୀୟ ହସ୍ତତନ୍ତ ପୁରସ୍କାର
- ସମୃଦ୍ଧ ଏସିଆ ଏବଂ ଅଭିବୃଦ୍ଧି ପାଇଁ ଭାରତ ସହ ସୁଦୃଢ଼ ସହଭାଗିତା ଉପରେ ଗୁରୁତ୍ୱ ପ୍ରଦାନ କଲେ ଫିଲିପାଇନ୍ସ ରାଷ୍ଟ୍ରପତି

ଏବଂ

- ଖାଇବା ତେଲ ଉତ୍ପାଦ, ଉତ୍ପାଦନ ଓ ଉପଲବ୍ଧତା ନିୟନ୍ତ୍ରଣ ଆଦେଶ-୨୦୧୧ରେ ସଂଶୋଧନ ସଂକ୍ରାନ୍ତ ବିଜ୍ଞପ୍ତି ଜାରି

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ଏକ କେତେକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ମଧ୍ୟ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଉଭୟ ସଦନକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି।  ଦୁଇଥର ମୁଲତବୀ ପରେ ଅପରାହ୍ନ ୨ଟାରେ ଲୋକସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବି କରି ସ୍ଲୋଗାନମାନ ଦେଇ ଗୃହର ମଧ୍ୟଭାଗରେ ହଟ୍ଟଗୋଳ ସୃଷ୍ଟି କରିଥିଲେ। ଗୃହର ଅଧ୍ୟକ୍ଷ କହିଥିଲେ, ବିହାରରେଂ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଥିବାରୁ ଗୃହରେ ଆଲୋଚନା ସମ୍ଭବ ନୁହେଁ। ବିରୋଧୀ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯିବା ସହ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଏହି କୋଳାହଳ ପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ମଣିପୁର ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍-୨୦୨୫ ଏବଂ ମଣିପୁର ଖର୍ଚ୍ଚ ଦାବି ଦୁଇ ନମ୍ବର ବିଲ୍-୨୦୨୫ ଗୃହରେ ଆଗତ ହେବା ସହ ପାରିତ ହୋଇଥିଲା। ତେବେ ବିରୋଧୀଙ୍କ ହଟ୍ଟଗୋଳ

ପରିସ୍ଥିତି ଜାରି ରହିବାରୁ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ଉପାଧ୍ୟକ୍ଷ ହରିବଂଶ କହିଥିଲେ, ହଟ୍ଟଗୋଳ ଯୋଗୁଁ ରାଜ୍ୟସଭାର ୫୧ ଘଣ୍ଟାରୁ ଅଧିକ ସମୟ ନଷ୍ଟ ହୋଇଛି । ଶୂନ୍ୟକାଳ ଏବଂ ପ୍ରଶ୍ନକାଳ ପାଇଁ ସେ ବିରୋଧୀ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ । ତେବେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉପାଧ୍ୟକ୍ଷ ଆଜି ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

## ଆରଏସ୍- କୋଷ୍ଟାଲ ସିପିଂ ବିଲ୍

ଉପକୂଳ ଜାହାଜ ଚଳାଚଳ ବିଲ୍-୨୦୨୫ ଆଜି ରାଜ୍ୟସଭାରେ ପାରିତ ହୋଇଛି । ଲୋକସଭାରେ ପୂର୍ବରୁ ଏହି ବିଲ୍ ପାରିତ ହୋଇସାରିଛି । ଦେଶର ଉପକୂଳ ଜଳସୀମା ମଧ୍ୟରେ ବାଣିଜ୍ୟ କାରବାରରେ ନିୟୋଜିତ ଜାହାଜଗୁଡ଼ିକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ଏହି ବିଲ୍ ପ୍ରସ୍ତୁତ କରାଯାଇଛି । ଏ କ୍ଷେତ୍ରରେ ଏକ ଏକୀକୃତ ନୀତି ପ୍ରଚଳନ କରିବା, ବାଣିଜ୍ୟ କାରବାର ତଥା ଘରୋଇ ଅଂଶଗ୍ରହଣକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି ବିଲ୍ ସହାୟକ ହେବ । ବିଲ୍ ଆଲୋଚନାର ଉତ୍ତରରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

ନେତୃତ୍ୱରେ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଂସ୍କାରମୂଳକ ପଦକ୍ଷେପ। ୨୦୩୦ ମସିହା ସୁଦ୍ଧା ଦେଶର ଉପକୂଳ ମାଲ ପରିବହନକୁ ୨୩୦ ନିୟୁତ ମେଟ୍ରିକ ଟନ୍ ଲକ୍ଷ୍ୟ ହାସଲରେ ଏହି ବିଲ୍ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଉପକୂଳ ବାଣିଜ୍ୟକୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ବ୍ୟବସାୟକୁ ଅଧିକ ସହଜ କରିବା ନେଇ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି ମନ୍ତ୍ରୀ ଶ୍ରୀ ସୋନଓ୍ୱାଲ କହିଛନ୍ତି।

## ଇସି-ଭିପି ନୋଟିଫିକେସନ

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ବିଜ୍ଞପ୍ତି ଜାରି କରାଯାଇଛି। ଆଗ୍ରହୀ ପ୍ରାର୍ଥୀ ଆସନ୍ତା ୨୧ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି। ୨୨ ତାରିଖରେ ନାମାଙ୍କନପତ୍ରଗୁଡ଼ିକର ଯାଞ୍ଚ ସହ ୨୫ ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ କରାଯାଇଛି। ଆସନ୍ତା ମାସ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବା ସହ ଭୋଟ୍‌ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ଲୋକସଭା ଏବଂ ରାଜ୍ୟସଭାର ସଦସ୍ୟଙ୍କୁ ନେଇ ଗଠିତ ଇଲେକ୍‌ଟୋରାଲ କଲେଜ ମାଧ୍ୟମରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହା ୧୭ତମ ଉପରାଷ୍ଟ୍ରପତି ନିର୍ବାଚନ ହେବ। ଗତ ମାସ ୨୨ ତାରିଖରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ପ୍ରଦାନ କରିଥିଲେ।

# ଏନ୍‌ଡିଏ ଭିପି ମିଟିଂ

ଏନ୍.ଡି.ଏ ମେଣ୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟସଭାରେ ଗୃହର ନେତା ଜେ.ପି.ନଡ୍ଡାଙ୍କୁ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ କରିବାକୁ ଅଧିକାର ଦେଇଛି । ଗଣମାଧ୍ୟମକୁ ସମ୍ବୋଧିତ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଆଜି ସଂସଦ ପରିସରରେ ଅନୁଷ୍ଠିତ ଏନ୍.ଡି.ଏ ସଂସଦୀୟ ଦଳର ନେତାଙ୍କ ବୈଠକରେ ଏହି ନିଷ୍ପତ୍ତି ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଛି । ସେ କହିଛନ୍ତି, ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ଏନ୍‌ଡିଏର ସମସ୍ତ ସହଯୋଗୀ ଦଳ ଗ୍ରହଣ କରିବେ ।

# ହ୍ୟାଣ୍ଡଲୁମ୍ ଡେ’

ଦେଶର ବୟନ ଶିଳ୍ପ ପରମ୍ପରାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଏ କ୍ଷେତ୍ରରେ ନିରନ୍ତର କାର୍ଯ୍ୟରତ କାରିଗରଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି । ହସ୍ତତନ୍ତ ବୁଣାକାରଙ୍କ ଦେଶର ଅର୍ଥନୀତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମାନ୍ୟତା ପ୍ରଦାନ ସ୍ୱରୂପ ପ୍ରତିବର୍ଷ ଅଗଷ୍ଟ ୭ ତାରିଖରେ ଏହି ଦିବସ ପାଳନ

କରାଯାଇଥାଏ। ହସ୍ତତନ୍ତ କ୍ଷେତ୍ରକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବାହ ଲକ୍ଷ୍ୟ ନେଇ ୨୦୧୫ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତର ହସ୍ତତନ୍ତ ବିବିଧତା, ଜୀବିକା ଏବଂ ସମୃଦ୍ଧିକୁ ବୃଦ୍ଧି କରିବାରେ ଏହି ଦିବସ ପାଳନ ବିଶେଷ ଗୁରୁତ୍ୱବହନ କରିଥାଏ।

ନୂଆଦିଲ୍ଲୀଠାରେ ଆଜି ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ' ସନ୍ଥ କବୀର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର-୨୦୨୫ ପ୍ରଦାନ କରିଛନ୍ତି। ଏହି ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ସମାବେଶକୁ ସମ୍ବୋଧନ କରି ଶ୍ରୀ ସିଂହ କହିଛନ୍ତି, ବିଶ୍ୱ ଏବେ ସ୍ଥାୟୀ ବୟନଶିଳ୍ପ ଉତ୍ପାଦ ଉପରେ ନିର୍ଭର କରୁଥିବାବେଳେ ଭାରତୀୟ ହସ୍ତତନ୍ତ ଶିଳ୍ପ ଏହି ଆବଶ୍ୟକତାକୁ ପୂରଣ କରିବାରେ ପ୍ରୟାସ ଜାରି ରଖିଛି। ସେ କହିଛନ୍ତି...

**V/O–PARI-GIRIRAJ**

ଏହି ସମାରୋହରେ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ଇଣ୍ଡିଆ-ଫିଲିପାନ୍ସ ପ୍ରେଜ୍

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ରୋମନାଲଡେଜ୍ ମାର୍କୋସ ଜୁନିୟର ସମୃଦ୍ଧ ଏସିଆ ଏବଂ ଅଭିବୃଦ୍ଧି ପାଇଁ ଭାରତ ସହ ସୁଦୃଢ଼ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବେଙ୍ଗାଲୁରୁଠାରେ ଆଜି

ଫିଲିପାନ୍ସ-ଭାରତ ବ୍ୟବସାୟ ଫରୋମକୁ ସମ୍ବୋଧନ କରି ସେ କହିଛନ୍ତି, ଉଭୟ ଦେଶ ମିଳିତ ଭାବେ ଜ୍ଞାନର ଆଦାନ ପ୍ରଦାନ, ଯୋଗାଣ ଶୃଙ୍ଖଳରେ ସ୍ଥିରତା ଏବଂ ଅନ୍ତର୍ଭୁକ୍ତ ନବସୃଜନକୁ ସୁନିଶ୍ଚିତ କରିପାରିବେ। ବୈଦ୍ୟୁତିକ ଯାନବାହନ, ଉନ୍ନତି ବୈଦ୍ୟୁତିକ କ୍ଷେତ୍ର, ନବୀକରଣୀୟ ଶକ୍ତି, କୃଷି, ସ୍ୱାସ୍ଥ୍ୟସେବା ଏବଂ ସାଇବର ସୁରକ୍ଷା କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗ ପାଇଁ ଏହି ୬ଟି କ୍ଷେତ୍ର ଉପରେ ସେ ପ୍ରାଥମିକତା ପ୍ରଦାନ କରିଛନ୍ତି।

ରାଷ୍ଟ୍ରପତି ମାର୍କୋସ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି, ଉତ୍ପାଦ ବିବିଧତା ଏବଂ ଯୋଗାଣ ଶୃଙ୍ଖଳ ସମ୍ବନ୍ଧରେ ସମନ୍ୱୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଦିଗରେ ଫିଲିପାଇନ୍ସ ଭାରତ ସହ ଅଗ୍ରାଧିକାର ବାଣିଜ୍ୟ ଚୁକ୍ତିନାମା କରିବାକୁ ଆଗ୍ରହୀ। ତଥ୍ୟ ବିଶ୍ଳେଷଣ ଭିତ୍ତିଭୂମି, ଜାହାଜ ନିର୍ମାଣ, ଔଷଧ, ଗବେଷଣା କ୍ଷେତ୍ର, ନିର୍ମାଣ, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା, ସ୍ୱଚ୍ଛଶକ୍ତି ଆଦି କ୍ଷେତ୍ରରେ ଭାରତର ବିଶେଷଜ୍ଞତାକୁ ରାଷ୍ଟ୍ରପତି ମାର୍କୋସ ସ୍ୱୀକାର କରିବା ସହ ଦ୍ୱିପାକ୍ଷିକ ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଭାରତୀୟ କମ୍ପାନୀଗୁଡ଼ିକ ଦ୍ୱାରା ଫିଲିପାଇନ୍ସରେ ପୁଞ୍ଜିନିବେଶ ପାଇଁ ୧୮ଟି ଏବଂ ଏନ୍.ଓ.ଆଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା, ଦୂରସଂଚାର, ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ, ସ୍ୱାସ୍ଥ୍ୟସେବା, ବ୍ୟବସାୟ ପ୍ରକ୍ରିୟା

ପରିଚାଳନା ଏବଂ ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ଫୁଡ୍ ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ଆମେଣ୍ଡମେଣ୍ଟ

ଖାଇବା ତେଲ ଉତ୍ପାଦ, ଉତ୍ପାଦନ ଏବଂ ଉପଲବ୍ଧତା ନିୟନ୍ତ୍ରଣ ଆଦେଶ-୨୦୧୧ରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପକ୍ଷରୁ ସଂଶୋଧନ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରାଯାଇଛି । ମନ୍ତ୍ରଣାଳୟ କହିଛି, ଖାଇବା ତେଲ କ୍ଷେତ୍ରରେ ତଥ୍ୟ ସଂଗ୍ରହ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ଲକ୍ଷ୍ୟ ନେଇ ଏହି ସଂଶୋଧନ କରାଯାଇଛି । ପରିସଂଖ୍ୟାନ ସଂଗ୍ରହ ଆଇନ ୨୦୦୮ ଅନ୍ତର୍ଗତ ବ୍ୟବସ୍ଥାକୁ ଏହି ସଂଶୋଧନ ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯାଇଛି । ଖାଇବା ତେଲ ମୂଲ୍ୟ ଶୃଙ୍ଖଳରେ ଉପଭୋକ୍ତା ଏବଂ ଅଂଶୀଦାର ଉଭୟଙ୍କୁ ଲାଭ ପ୍ରଦାନରେ ଏହି ସଂଶୋଧନ ବିଶେଷ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି । ଏ କ୍ଷେତ୍ରରେ ସ୍ୱଚ୍ଛତା ବୃଦ୍ଧି, ଉନ୍ନତ ବଜାର ସୁବିଧା ଏବଂ ପ୍ରମାଣ ଆଧାରିତ ନୀତି ନିର୍ଦ୍ଧାରଣ ଅଧିକ ବ୍ୟବସ୍ଥିତ ହୋଇପାରିବ । ଖାଇବା ତେଲର ଉତ୍ପାଦନ ଏବଂ ଏହାର ମହଜୁଦ ନେଇ ତଦାରଖ ଅତ୍ୟନ୍ତ ସୁଦୃଢ଼ ହେବା ସହ ତେଲର ନିରନ୍ତର ଉପଲବ୍ଧତା ଏହି ସଂଶୋଧନ ଦ୍ୱାରା ସୁନିଶ୍ଚିତ ହୋଇପାରିବ ବୋଲି ମନ୍ତ୍ରଣାଳୟ କହିଛି ।

## ୟୁଏସ୍-ରୁଷିଆ ଟକ୍ସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଗାମୀ ଦିନରେ ପରସ୍ପର ସହ ସାକ୍ଷାତ ଆଲୋଚନା କରିବାକୁ ରାଜି ହୋଇଛନ୍ତି ବୋଲି କ୍ରେମଲିନ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ଓ୍ୱିଟ୍‌କଫ୍ ଆଜି ରୁଷ୍‌ର ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ଆଲୋଚନା କରିବାପରେ ଏହି ସମ୍ଭାବ୍ୟ ବୈଠକ ନେଇ ସୂଚନା ଦିଆଯାଇଛି। କ୍ରେମଲିନ୍‌ର ଅଧିକାରୀ ୟୁରି ଉସାକୋଭ୍ କହିଛନ୍ତି, ଉଭୟ ନେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକ ପାଇଁ ସ୍ଥାନ ନିରୂପିତ ହୋଇଛି ଏବଂ ପରେ ଏ ସମ୍ପର୍କରେ ଅଧିକ ବିବରଣୀ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ୟୁକ୍ରେନ୍‌ରେ ଯୁଦ୍ଧବିରତି ପାଇଁ ସମ୍ମତି ପ୍ରଦାନ କରିବା କିମ୍ବା ଏହା ବଦଳରେ ଅଧିକ କଟକଣାର ସମ୍ମୁଖୀନ ହେବା ପାଇଁ ରୁଷ୍ ବିପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଧାର୍ଯ୍ୟ ସମୟସୀମା ଆସନ୍ତାକାଲି ଶେଷ ହେବାକୁ ଯାଉଛି।